# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**21 July - 2024**

**News Editor : Itishree Singh Rathaur**

*************************************

## ମୁଖ୍ୟ ସମ୍ବାଦ

- ସପ୍ତଦଶ ବିଧାନସଭାର ବଜେଟ୍ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ହେବ

— ସର୍ବଦଳୀୟ ବୈଠକରେ ସମସ୍ତଙ୍କ ସହଯୋଗ ଲୋଡିଲେ ବାଚସ୍ପତି

- ଆସନ୍ତାକାଲିଠାରୁ ଆରମ୍ଭ ହେବ ସଂସଦର ମୌସୁମୀ ଅଧିବେଶନ; ଆସନ୍ତା ମଙ୍ଗଳବାର ଉପସ୍ଥାପନ ହେବ ପୂର୍ଣ୍ଣାଙ୍ଗ ବଜେଟ୍

- ଗୁରୁମାନଙ୍କୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଆଜି ପାଳିତ ହେଉଛି ଗୁରୁପୂର୍ଣ୍ଣିମା

ଏବଂ

- ରାଜ୍ୟରେ ପ୍ରବଳ ବର୍ଷା ହେବା ନେଇ ୧୩ଟି ଜିଲ୍ଲାକୁ ସତର୍କ ସୂଚନା

# ବଜେଟ୍ ଅଧିବେଶନ

ସପ୍ତଦଶ ବିଧାନସଭାର ବଜେଟ୍ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ହେବ। ଏଥିପାଇଁ ଆଜି ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ, ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ,  ବିରୋଧି ଦଳ ମୁଖ୍ୟ ସଚେତକ ପ୍ରମୀଳା ମଲ୍ଲିକ୍ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ବୈଠକ ଆରମ୍ଭ ହେବା ପୂର୍ବରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ନବୀନ ନିବାସ ଯାଇ ବିରୋଧି ଦଳର ନେତା ନବୀନ ପଟ୍ଟନାୟକଙ୍କୁ ସର୍ବଦଳୀୟ ବୈଠକରେ ଯୋଗଦେବା ପାଇଁ ନିମନ୍ତ୍ରଣ କରିଥିଲେ। ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ ମଧ୍ୟ ପିସିସି ସଭାପତି ଶରତ ପଟ୍ଟନାୟକ ଏବଂ ସିପିଆଇଏମ୍ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ସହ ଫୋନ୍ ଯୋଗେ କଥା ହୋଇଥିବା ଜଣାପଡିଛି। ତେବେ ସର୍ବଦଳୀୟ ବୈଠକରେ କଂଗ୍ରେସର କୌଣସି ବିଧାୟକ ଉପସ୍ଥିତ ନ ଥିଲେ।

ବୈଠକରେ ଅଧିବେଶନ କାଳରେ ଗୃହ କାର୍ଯ୍ୟ ଶାନ୍ତିପୂର୍ଣ୍ଣ ଢଙ୍ଗରେ ଚାଲିପାରିବା ଏବଂ ରାଜ୍ୟର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇପାରିବା ନେଇ ବାଚସ୍ପତି ବିରୋଧୀ ଦଳଗୁଡ଼ିକର ସହଯୋଗ ଲୋଡିଥିଲେ।

ଅପରପକ୍ଷେ, ରାଜ୍ୟ ପୁଲିସ୍ ମହାନିର୍ଦ୍ଦେଶକ ଅରୁଣ କୁମାର ଷଡଙ୍ଗୀ ଆଜି ବିଧାନସଭାର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଛନ୍ତି। ଶ୍ରୀ ଷଡଙ୍ଗୀ କହିଛନ୍ତି, ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହାସହ ଆଇନ୍ ଶୃଙ୍ଖଳା ପରିସ୍ଥିତି ରକ୍ଷା ପାଇଁ ୩୦ ପ୍ଲାଟୁନ୍ ଫୋର୍ସ୍ ମୁତୟନ କରାଯିବ।

ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ଏହା ପ୍ରଥମ ଅଧିବେଶନ ହେବ। ଅଧିବେଶନର ପ୍ରଥମ ଦିନରେ ଅର୍ଥାତ୍ ଆସନ୍ତାକାଲି ରାଜ୍ୟପାଳ ରଘୁବର ଦାସ ଅଭିଭାଷଣ ପ୍ରଦାନ କରିବେ। ଆସନ୍ତା ୨୪ ତାରିଖରେ ଉପବାଚସ୍ପତି ନିର୍ବାଚନ  ଏବଂ ୨୫ ତାରିଖରେ ପୂର୍ଣ୍ଣାଙ୍ଗ ବଜେଟ ଉପସ୍ଥାପନ କରାଯିବ। ଅର୍ଥ ବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବଜେଟ ଉପସ୍ଥାପନ କରିବେ ବୋଲି ଜଣାପଡିଛି।

## ସର୍ବଦଳୀୟ ବୈଠକ

ସଂସଦର ମୌସୁମୀ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ହେଉଛି। ଏହା ପୂର୍ବରୁ ଆଜି ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉଭୟ ଲୋକସଭା ଏବଂ ରାଜ୍ୟସଭାର କାର୍ଯ୍ୟ ସୁଚାରୁରୂପେ ସଂଚାଳନ କରିବା ନିମନ୍ତେ ସରକାର ଦଳଗୁଡ଼ିକର ସହଯୋଗ ଲୋଡିଛନ୍ତି।

ମୌସୁମୀ ଅଧିବେଶନ ଅଗଷ୍ଟ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଜୁଲାଇ ୨୩ ତାରିଖ ମଙ୍ଗଳବାର ଦିନ ସାଧାରଣ ପୂର୍ଣ୍ଣାଙ୍ଗ ବଜେଟ୍ ଉପସ୍ଥାପନ କରିବେ। ପ୍ରଧାମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାରଙ୍କର ତୃତୀୟ ପାଳିର ଏହା ପ୍ରଥମ ବଜେଟ୍

ହେବ। ସଂସଦର ମୌସୁମୀ ଅଧିବେଶନରେ ବିପର୍ଯ୍ୟୟ ପରିଚାଳନା ଅଧିନିୟମ ସଂଶୋଧନ ବିଲ୍ ସମେତ ୬ଟି ନୂଆ ବିଧେୟକ ଆଗତ ହେବା ନେଇ ଲୋକସଭା ସଚିବାଳୟ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତିରୁ ଜଣାପଡିଛି।

ବୈଠକରେ କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂ, କିରଣ ରିଜିଜୁ, ଅର୍ଜୁନ୍‌ରାମ ମେଘୱାଲ୍, ଜେ.ପି.ନଡ୍ଡା, ଚିରାଗ ପାଶ୍ୱାନ, ରାମଦାସ ଅଠୱାଲେଙ୍କ ସମେତ ଅନ୍ୟ ବିରୋଧୀ ଦଳର ନେତାମାନେ ଉପସ୍ଥିତ ଥିଲେ।

## ଅଭିଯୋଗ ଶୁଣାଣି

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ଆସନ୍ତାକାଲି ବନ୍ଦ ରହିବ। ସପ୍ତଦଶ ବିଧାନସଭାର ପ୍ରଥମ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ହେଉଥିବାରୁ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ ବୋଲି ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଗୁରୁ ପୂର୍ଣ୍ଣିମା

ଜୀବନକୁ ଆଲୋକିତ ପଥରେ ଯିବାପାଇଁ ମାର୍ଗଦର୍ଶନ କରୁଥିବା ଗୁରୁମାନଙ୍କୁ ସମ୍ମାନ ଜଣାଇ ଆଜି ପାଳିତ ହେଉଛି ପବିତ୍ର ଗୁରୁପୂର୍ଣ୍ଣିମା। ଏକ ପରିପୂର୍ଣ୍ଣ ଜୀବନ, ବ୍ୟକ୍ତିତ୍ୱ ନିର୍ମାଣ ଏବଂ ସୁସ୍ଥ ସମାଜ ଗଠନ ଦିଗରେ ଗୁରୁଙ୍କର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ବ୍ୟାସପୂର୍ଣ୍ଣିମା ନାମରେ ପରିଚିତ ଏହି ଦିନରେ ଲୋକମାନେ ଗୁରୁମାନଙ୍କୁ ସ୍ମରଣ କରିବା ସହ କୃତଜ୍ଞତା ଜଣାଇଥାନ୍ତି।

ସାରା ଦେଶରେ ଆଜି ଗୁରୁପୂର୍ଣ୍ଣିମା ପାଳନ ଅବସରରେ **ପ୍ରଧାନମନ୍ତ୍ରୀ** ନରେନ୍ଦ୍ର ମୋଦୀ ଶୁଭେଚ୍ଛା ଜଣାଇ ସାମାଜିକ ଗଣମାଧ୍ୟମରେ କହିଛନ୍ତି, ଆମ ଜୀବନର ସମସ୍ତ କ୍ଷେତ୍ରରେ ଗୁରୁଙ୍କ ମହତ୍ତ୍ୱ ଅତୁଳନୀୟ। **ରାଜ୍ୟପାଳ** ରଘୁବର ଦାସ ଗୁରୁପୂର୍ଣ୍ଣିମା ଅବସରରେ ସମସ୍ତଙ୍କ ମଙ୍ଗଳ କାମନା କରିଛନ୍ତି। **ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ ଗୁରୁପୂର୍ଣ୍ଣିମା ଅବସରରେ ଶୁଭେଚ୍ଛା ଜଣାଇ କହିଛନ୍ତି, ଅଜ୍ଞାନ ରୂପକ ଅନ୍ଧକାରକୁ ଦୂରୀଭୂତ କରି ନିଜର ଜ୍ଞାନର ଆଲୋକରେ ଜୀବନକୁ ସରସ ସୁନ୍ଦର କରିବା ଏବଂ ଏକ ସୁସ୍ଥ ସମାଜ ଗଠନରେ ଗୁରୁଙ୍କ ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଥାଏ।

**କେନ୍ଦ୍ର ଶିକ୍ଷାମନ୍ତ୍ରୀ** ଧର୍ମେନ୍ଦ୍ର ପ୍ରଧାନ ଗୁରୁପୂର୍ଣ୍ଣିମାର ଶୁଭକାମନା ଜଣାଇବା ସହିତ ସାମାଜିକ ଗଣମାଧ୍ୟମରେ କହିଛନ୍ତି, ଗୁରୁ-ଶିଷ୍ୟ ପରମ୍ପରା ଭାରତୀୟ ସଭ୍ୟତା ଓ ସଂସ୍କୃତିର ଅଭିନ୍ନ ଅଙ୍ଗ। ଜ୍ଞାନ, ସଂସ୍କାର ଓ ଗୁଣରେ ଆମ ଜୀବନକୁ ଆଲୋକିତ କରି, ଗୁରୁମାନେ ଆମମାନଙ୍କୁ ସତମାର୍ଗରେ ଚାଲିବାକୁ ପ୍ରେରଣା ଦେଇଥାନ୍ତି।

**ବୌଦ୍ଧ** ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଗୁରୁପୂର୍ଣ୍ଣିମା ଉତ୍ସବ ଆନନ୍ଦ ଉଲ୍ଲାସର ସହ ପାଳିତ ହୋଇଯାଇଛି। **ସୁନ୍ଦରଗଡ଼** ଜିଲ୍ଲା ରାଉରକେଲାର ସେକ୍ଟର-୧୯ସ୍ଥିତ ଶାରଳା ମନ୍ଦିର ପରିସରରେ ଗୁରୁପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଗୁରୁପୂର୍ଣ୍ଣିମାର ମହତ୍ତ୍ୱ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରାଯାଇଥିଲା।

## ଶ୍ରାବଣ ସୋମବାର

ଶ୍ରାବଣ ମାସ  ଆସନ୍ତାକାଲିଠାରୁ ଆରମ୍ଭ ହେଉଛି । ଶ୍ରାବଣ ମାସର ପ୍ରଥମ ସୋମବାରରେ  ମହାଦେବଙ୍କୁ ଜଳାଭିଷେକ କରିବା ଲାଗି ଶ୍ରଦ୍ଧାଳୁଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି । କାଉଡିଆମାନେ ଜଳନେଇ ବିଭିନ୍ନ ଶିବାଳୟକୁ ଯାତ୍ରା ଆରମ୍ଭ କରିଛନ୍ତି । ଶ୍ରଦ୍ଧାଳୁଙ୍କ ସୁରକ୍ଷା ପାଇଁ ପ୍ରଶାସନ ଏବଂ ପୁଲିସ୍ ପକ୍ଷରୁ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଜଳ ଉଠାଇବା ସ୍ଥାନ ଏବଂ ବିଭିନ୍ନ ନଦୀପଠାରେ ଓଡ୍ରାଫ୍ ୟୁନିଟ୍‌କୁ ନିୟୋଜିତ କରାଯାଇଛି । ନଦୀ ଭିତରକୁ ପ୍ରବେଶ ନ କରିବା ଲାଗି ପୁଲିସ୍ ପକ୍ଷରୁ ପରାମର୍ଶ ଦିଆଯାଇଛି । ଭୁବନେଶ୍ୱରର ଲିଙ୍ଗରାଜ, ପୁରୀର ଲୋକନାଥ, ଆରଡୀର ଆଖଣ୍ଡଳମଣୀ, କଟକର ଧବଳେଶ୍ୱର ଏବଂ ବାଲେଶ୍ୱର ପଞ୍ଚଲିଙ୍ଗେଶ୍ୱର, ଚନ୍ଦନେଶ୍ୱର ସମେତ ରାଜ୍ୟର ବିଭିନ୍ନ ଶୈବପୀଠରେ ଶ୍ରଦ୍ଧାଳୁଙ୍କ ସୁରକ୍ଷିତ ତଥା ଶୃଙ୍ଖଳିତ ଜଳାଭିଷେକ ଲାଗି ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଥିବା ସୂଚନା ମିଳିଛି ।

## କମଳା ପୂଜାରୀ

କୋରାପୁଟ ଜିଲ୍ଲାସ୍ଥିତ ପାତ୍ରପୁଟ ଗ୍ରାମରେ ପଦ୍ମଶ୍ରୀ କମଳା ପୂଜାରୀଙ୍କ ଆଜି ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ଅନ୍ତିମ ସଂସ୍କାର ପୂର୍ବରୁ ଗାଁ ଶ୍ମଶାନରେ ତାଙ୍କୁ ଗାର୍ଡ ଅଫ୍ ଅନର  ପ୍ରଦାନ କରାଯାଇଥିଲା ।

ସୂଚନା ଅନୁସାରେ, ଶ୍ରୀମତୀ ପୂଜାରୀଙ୍କ ଗତକାଲି ୭୬ ବର୍ଷ ବୟସରେ ଚିକିତ୍ସାଧିନ ଅବସ୍ଥାରେ ପରଲୋକ ଘଟିଥିଲା ।

## ଦକ୍ଷତା ବିକାଶ କୌଶଳ ରଥ

**ଗଜପତି** ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଜିଲ୍ଲାବ୍ୟାପୀ ଦକ୍ଷତା ବିକାଶ କୌଶଳ ରଥ ଅଭିଯାନର ଶୁଭାରମ୍ଭ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ବିଧାୟକ ରୁପେସ କୁମାର ପାଣିଗ୍ରାହୀ ଏବଂ ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ  ଅତିଥି ଭାବେ ଯୋଗଦେଇ କୌଶଳରଥକୁ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମ ଜିଲ୍ଲା ପ୍ରଶାସନ, ଜିଲ୍ଲା ଦକ୍ଷତା ବିକାଶ ଓ  ନିୟୋଜନ କାର୍ଯ୍ୟାଳୟ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଥିଲା। କୌଶଳ ରଥ ଆସନ୍ତାକାଲି ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ଶିକ୍ଷାନୁଷ୍ଠାନ ବୁଲି ଯୁବପିଢ଼ି'ଙ୍କୁ ମାଗଣାରେ ଡିଜିଟାଲ ଶିକ୍ଷା ଏବଂ ସେମାନଙ୍କ ମଧ୍ୟରେ ଡିଜିଟାଲ କାରବାରକୁ ବୃଦ୍ଧି କରାଯିବାକୁ ପ୍ରୋତ୍ସାହିତ କରିବ।

## ପିଏମ୍-ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମନ୍ କି ବାତ୍ କାର୍ଯ୍ୟକ୍ରମର ଆଗାମୀ ସଂସ୍କରଣ ପାଇଁ ମିଳିଥିବା ପ୍ରସ୍ତାବକୁ ନେଇ ସନ୍ତୋଷବ୍ୟକ୍ତ କରିଛନ୍ତି । ଚଳିତମାସ ୨୮ ତାରିଖରେ ମନ୍ କି ବାତ୍‌ର ଆଗାମୀ ସଂସ୍କରଣ ପ୍ରସାରଣ ହେବ । ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ଆଗାମୀ ମନ୍ କି ବାତ୍ କାର୍ଯ୍ୟକ୍ରମ ପାଇଁ ଅନେକ ଗୁଡ଼ିଏ ପ୍ରସ୍ତାବ ମିଳିଛି । ଏହି ପ୍ରସ୍ତାବ ଗୁଡ଼ିକ ମଧ୍ୟରେ ସାମୁହିକ ପ୍ରୟାସ ସମେତ ସମାଜରେ ପରିବର୍ତ୍ତନ ଆଣିବା ଲାଗି ଯୁବଗୋଷ୍ଠୀ ଠାରୁ ମିଳିଥିବା ପ୍ରସ୍ତାବ ଅତ୍ୟନ୍ତ ପ୍ରଶଂସନୀୟ ବୋଲି ଶ୍ରୀ ମୋଦୀ କହିଛନ୍ତି । ପ୍ରଧାନମନ୍ତ୍ରୀ ଲୋକମାନଙ୍କୁ

ନିଜର ପ୍ରସ୍ତାବ ମାଇଁ ଗଭ୍ ଓ ନମୋ ଆପ୍‌ରେ ପଠାଇବା ସହ ୧୮୦୦-୧୧୭-୮୦୦ ନମ୍ବରରେ ଭଏସ୍ ମେସେଜ୍ ରେକର୍ଡ କରାଇବା ପାଇଁ ଆହ୍ୱାନ ଦେଇଛନ୍ତି ।

## ପାଣିପାଗ

ଆଭ୍ୟନ୍ତରିଣ ଓଡ଼ିଶା ଓ ତତ୍‌ସଂଲଗ୍ନ ଛତିଶଗଡ଼ ଉପରେ ସୁଦୃଶ ଲଘୁଚାପ ସକ୍ରିୟ ରହିଛି । ଲଘୁଚାପ କ୍ରମଶଃ ଉତ୍ତର-ପଶ୍ଚିମ ଦିଗକୁ ଗତି କରୁଛି। ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଏହା ଆଗାମୀ ୧୨ ଘଣ୍ଟା ମଧ୍ୟରେ କ୍ରମଶଃ ଦୁର୍ବଳ ହେବା ସହିତ ଲଘୁଚାପରେ ପରିଣତ ହେବ। ଏହାର ପ୍ରଭାବରେ ରାଜ୍ୟରେ ଆଗାମୀ ୩ ଦିନ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ନୂଆପଡା, ବଲାଙ୍ଗିର, ସୁବର୍ଣ୍ଣପୁର, ବୌଦ୍ଧ, ବରଗଡ଼, ସମ୍ବଲପୁର, ଦେବଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ନବରଙ୍ଗପୁର, କଳାହାଣ୍ଡି, କୋରାପୁଟ ଓ ମାଲକାନଗିରି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି।

*********************************